# ହରିବଳଦେବଜୀଉଙ୍କ ସୁନା, ରୁପା ବେଶ

**ବାରିପଦା ଅଫିସ,୯।୭**

ପବିତ୍ର ବାହଡ଼ା ଦଶମୀ ଅବସରରେ ଶନିବାର ଆଡ଼ପମଣ୍ଡପରେ ଶ୍ରୀ ହରିବଳଦେବଜୀଉଙ୍କ ସୁନାବେଶ(ଦ୍ୱାରିକା)ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସନ୍ଧ୍ୟାରେ ପହଣ୍ଡି ପରେ ରଥାରୁଢ ତିନିଠାକୁର ରୂପା ବେଶରେ ଦର୍ଶନ ଦେଇଛନ୍ତି। ଅପୂର୍ବ ଶୋଭାକୁ ଦର୍ଶନ କରି ଭକ୍ତ ବିଭୋର ହୋଇପଡିଛନ୍ତି। ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉଙ୍କ ବାହୁଡାଯାତ୍ରା ପରେ ସୁନାବେଶ ଅନୁଷ୍ଠିତ ହେଉଥିବା ବେଳେ ପରମ୍ପରା ଅନୁଯାୟୀ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଗୁଣ୍ଡିଚା ମନ୍ଦିରରେ ବାହୁଡା ପୂର୍ବ ଦିନ ମହାପ୍ରଭୁଙ୍କ ସୁନାବେଶ ହୋଇଥାଏ। ଆଡ଼ପମଣ୍ଡପରେ ସୁନାବେଶରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି।

ଶନିବାର ସକାଳେ ତିନି ଠାକୁରଙ୍କ ନୀତିକାନ୍ତି ସରିବା ପରେ ଦିନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ମହାପ୍ରଭୁ ସୁନାବେଶରେ ଦର୍ଶନ ଦେଇଥିଲେ। ସକାଳେ ମଙ୍ଗଳ ଆଳତି ପରେ ମହାସ୍ନାନ ଓ ଅବକାଶ ନୀତି କରାଯାଇ ଶ୍ରୀଜୀଉଙ୍କୁ ପାଣିଆ ଖେଚୁଡି ପ୍ରସାଦ ଲାଗି କରାଯାଇଥିଲା। ପରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରିବା ପରେ ଠାକୁରଙ୍କ ପୁଷ୍ପଭେଟି ଓ ଅତର ଲାଗି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର ପରିଚ୍ଛା ଦୁର୍ଗା ଚରଣ ଜିତବାବୁ ଠାକୁରଙ୍କ ପାଖରୁ ଆଜ୍ଞାମାଳ ଆଣିବା ପରେ ଘଣ୍ଟ, ଶଙ୍ଖ, ରଣସିଂହାର, କାହାଳୀ ଓ ସଙ୍କୀର୍ତ୍ତନ ସହ ମନ୍ଦିର ବେଢା ୫ଥର ପ୍ରଦିକ୍ଷଣ କରାଯାଇ ଆରତୀ ଦର୍ଶନ ପରେ ଦଶମୀ ପୂଜାନୀତି ଶେଷ ହୋଇଥିଲା। ପରେ ଠାକୁରଙ୍କ ବେଶ ଖୋଲା ହୋଇ ଅଁଳା ଭେଟି ଲାଗି କରାଯିବା ପରେ ଚକାଛଡ଼ା କାର୍ଯ୍ୟ ସମାପ୍ତ ହୋଇଥିଲା। ପରେ ପହଣ୍ଡି ବେଶ ପାଇଁ ଶ୍ରୀହରିବଳଦେବଜୀଉ ନାଟ ମନ୍ଦିରକୁ ପହଣ୍ଡି ବିଜେ କରିଥିଲେ।


ସୁନାବେଶରେ ତିନିଠାକୁର।

## ଆଜି ବାହୁଡ଼ିବେ

ସେହିପରି ପରମ୍ପରା ଅନୁଯାୟୀ ପୁରୀରେ ଶ୍ରୀଜୀଉମାନେ ଶନିବାର ପହଣ୍ଡିରେ ବାହାରି ରଥାରୁଢ ହୋଇଥିବା ବେଳେ ବାରିପଦାରେ ଗୋଟି ପହଣ୍ଡିରେ ତିନି ଦିଅଁ ରଥାରୁଢ ହୋଇ ଭକ୍ତଙ୍କୁ ରୂପା ବେଶରେ ଦର୍ଶନ ଦେଇଛନ୍ତି। ମହାପ୍ରଭୁ ରଥାରୁଢ ହୋଇ ଶନିବାର ରହିବା ପରେ ରବିବାର ଓ ସୋମବାର ଦୁଇ ଦିନ ଧରି ରଥଟଣା ସମ୍ପନ୍ନ ହେବ। ପ୍ରଥମ ଦିନ ରଥ ଟଣା ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିବା ପରେ ଦେବୀ ସୁଭଦ୍ରାଙ୍କ ରଥ ଟଣାଯାଇ ଅଧାବାଟରେ ଅଟକି ରହିବ। ସୋମବାର ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ଶ୍ରଦ୍ଧାଳୁମାନେ ଟାଣି ମନ୍ଦିର ନିକଟରେ ପହଞ୍ଚାଇବା ପରେ ବଡ଼ଭାଇ ବଳଭଦ୍ରଙ୍କ ରଥକୁ ଟାଣି ମନ୍ଦିର ନିକଟକୁ ନେବେ। ଶନିବାର ଅପରାହ୍ନରେ ଶ୍ରୀଜୀଉଙ୍କ ପହଣ୍ଡି ଆରମ୍ଭ ହୋଇଛି । ରାତି ପ୍ରାୟ ୮ଟା ବେଳେ ପହଣ୍ଡି ସରିବା ସହିତ ରୂପା ବେଶ ଆରମ୍ଭ ହୋଇଛି।


ବଳଭଦ୍ରଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।

# ଲୀଳାଖେଳା ସାରି ବାହୁଡ଼ିଲେ ବଳଦେବଜୀଉ

**କେନ୍ଦୁଝର, ୯।୭ (ସ୍ୱ.ପ୍ର./ ଡି.ଏନ.ଏ.)**

କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ନନ୍ଦିଘୋଷ ରଥରେ ବିରାଜମାନ ହୋଇ ଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ବାହୁଡ଼ା ଯାତ୍ରା ଶନିବାର ଶାନ୍ତିପୂର୍ଣ୍ଣ ଭାବେ ସରିଛି । ଲକ୍ଷାଧିକ ଭକ୍ତ ମାନେ ଶ୍ରୀ ଜୀଉ ଙ୍କ ରଥକୁ ଶ୍ରୀ ଗୁଣ୍ଡିଚା ମନ୍ଦିରରୁ ବଡ଼ଦାଣ୍ଡରେ ଟାଣି ନେଇ ଶ୍ରୀ ବଳଦେବଜୀଉ ମନ୍ଦିର ନିକଟରେ ପହଞ୍ଚାଇଛନ୍ତି। ଅନୁକୂଳ ପାଗ ହୋଇଥିବାରୁ ଜିଲା ଓ ବାହାରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା ।

ରୀତିନୀତି ଅନୁଯାୟୀ ସକାଳ ୪ ଟାରେ ଅବକାଶ, ୫ ଟାରେ ଲୁଗା ଲାଗି, ୯ ଟାରେ ଧୂପଲାଗି ପରେ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ସାଢ଼େ ୧୨ଟାରେ ପହଣ୍ଡି ଆରମ୍ଭ ହୋଇ ୨ଟା୫୫ରେ ରେ

### ଶିଆଳି ଦଉଡ଼ି ଧରି ଭକ୍ତ ଟାଣିଲେ ସର୍ବୋଚ୍ଚ ରଥ

ଶ୍ରୀଜୀଉଙ୍କୁ ପହଣ୍ଡିଆ ସେବାୟତମାନେ ପହଣ୍ଡି କରି ୭୨ ଫୁଟ ଉଚ୍ଚ ରଥରେ ବିରାଜମାନ କରାଇଥିଲେ। ଏହି ସମୟରେ ଘଣ୍ଟ, ହୁଳୁହୁଳି, ସଂକୀର୍ତ୍ତନ, ଶଙ୍ଖନାଦରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଭକ୍ତମୟ ପରିବେଶ ସୃଷ୍ଟି ହୋଇଥିଲା। ପରେ କେନ୍ଦୁଝର ରାଜା ଧନଞ୍ଜୟ ନାରାୟଣ ଭଞ୍ଜଙ୍କ ଦ୍ୱାରା ଛେରାପହଁରା ସମ୍ପନ୍ନ କରାଯାଇଥିଲା। ଡାହୁକଙ୍କ ଆହ୍ୱାନ କ୍ରମେ ଭକ୍ତମାନେ ପାରମ୍ପାରିକ ଶିଆଳି ଦଉଡ଼ିକୁ ଧରି ରଥ ଟାଣିବା ଆରମ୍ଭ କରିଥିଲେ। ଅଧବାଟରେ ପାରମ୍ପାରିକ ଗଳଗଣ୍ଡି ଭୋଗ ପରେ ପୁଣି ରଥକୁ ଟାଣି ନେଇଥିଲେ।

ଏହି ଅବସରରେ ଭକ୍ତ ମାନଙ୍କ ସୁବିଧା ପାଇଁ ଟ୍ରାଫିକ ବ୍ୟବସ୍ଥା, ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିବା ବେଳେ ବିଭିନ୍ନ ସଂସ୍ଥା ଓ ସଂଗଠନ ପକ୍ଷରୁ ସହାୟତା, ଭୋଗ ବଣ୍ଟନ, ପାଣି ବଣ୍ଟନ ଆଦି କାର୍ଯ୍ୟ କରାଯାଇଥିଲା। ଅସ୍ଥାୟୀ ଭାବେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରାଯାଇଥିଲା। ଜିଲାପାଳ ଆଶୀଷ ଠାକରେ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଏସଡିପିଓ କେନ୍ଦୁଝର ପି.ଜେ. ଟପୋ, ଟାଉନ ଥାନା ଅଧିକାରୀ ପ୍ରମୋଦିନୀ ସାହୁ, ତହସିଲଦାର ଆଶୀଷ ମହାପାତ୍ର, ଅଶ୍ୱିନୀ ନାୟକ, ବିଡିଓ ଉଗ୍ରସେନ ଓରାମ ପ୍ରମୁଖ ଉପସ୍ଥିତ ରହି ସୁରୁଖୁରୁରେ ରଥଯାତ୍ରା ପରିଚାଳନା କରିଥିଲେ। ରବିବାର ରଥରେ ଶ୍ରୀ ଜୀଉ ସୁନାବେଶରେ ଦର୍ଶନ ଦେବା ପରେ ପହଣ୍ଡି ହୋଇ ରତ୍ନବେଦୀକୁ ଯାତ୍ରା କରିବେ ବୋଲି ଜଣାପଡିଛି।

# ରଥାରୂଢ଼ ହେଲେ ଚତୁର୍ଦ୍ଧାମୂର୍ତ୍ତି

## ଆଜିଠାରୁ ଦୁଇଦିନ ବାହୁଡ଼ାଯାତ୍ରା

**ନୀଳଗିରି, ୯।୭(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ଶ୍ରୀଗୁଣ୍ଡିଚା ମନ୍ଦିର ଜନ୍ମବେଦୀରେ ଲୀଳାଖେଳା ସାରିବା ପରେ ରତ୍ନବେଦୀକୁ ବାହୁଡା ଉଦ୍ଦେଶ୍ୟରେ ଯଥାରୀତି ନୀତିକାନ୍ତି ଅନୁସାରେ ଶନିବାର ଗୋଟି ପହଣ୍ଡିରେ ଶ୍ରୀଜୀଉ ପହଣ୍ଡି ହୋଇ ରଥାରୂଢ଼ ହୋଇଥିଲେ। ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରାପହଁରା କରିଥିଲେ। ପଣ୍ଡା ପଢ଼ିଆରୀ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୂଢ଼ କରାଇଥିଲେ। ପହଣ୍ଡି ସମୟରେ ନାମ ସଂକୀର୍ତ୍ତନ, ଶଙ୍ଖ, ମହୁରୀ, ଘଣ୍ଟବାଦ୍ୟରେ ଗୁଣ୍ଡିଚା ମନ୍ଦିର ନିକଟରେ ପ୍ରକମ୍ପିତ ହୋଇଥିବା ବେଳେ ନୀଳଗିରି ବଡ଼ଦାଣ୍ଡ ଲୋକାରଣ୍ୟ ହୋଇପଡ଼ିଥିଲା।

ରବିବାର ଅପରାହ୍ନ ଓ ଆସନ୍ତା ସୋମବାର ୨ଦିନ ଧରି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରଥଟଣା ହେବା ପରେ ତିନି ଠାକୁର ରଥରୁ ଓହ୍ଲାଇ ମନ୍ଦିରକୁ ପ୍ରବେଶ କରି ରତ୍ନବେଦୀରେ ବିରାଜମାନ ହେବେ। ଏହି ବାହୁଡା ପହଣ୍ଡି ଯାତ୍ରାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀ, ତହସିଲଦାର ଅଶେଷ କୁମାର ନାୟକ, ଆଇଆଇସି ଦାୟିତ୍ୱରେ ଥିବା ବିରଞ୍ଚି ସାହୁ ଓ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ନୀଳଗିରିରେ ରଥାରୂଢ଼ ୩ ଠାକୁର।

## ଦଧିବାମନଜୀଉଙ୍କ ବାହୁଡ଼ାଯାତ୍ରା

ଆନନ୍ଦପୁର,୯।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁରର ଶ୍ରୀ ଦଧିବାମନ ଜିଉଙ୍କ ବାହୁଡ଼ା ଯାତ୍ରା ଶନିବାର ନୀତିକାନ୍ତି ପୂର୍ବକ ଶେଷ ହୋଇଛି। ମହାପ୍ରଭୁଙ୍କ ବାହଡ଼ା ଯାତ୍ରା ଉପଲକ୍ଷେ ମାଉସୀ ମା’ ମନ୍ଦିରରେ ସମସ୍ତ ଦେବନୀତି ସମ୍ପନ୍ନ କରାଯାଇଥିଲା। ପରିଛା ସୁଦର୍ଶନ ମିଶ୍ର ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ତିନି ଦିଅଁଙ୍କୁ ରଥ ଉପରେ ସାଜସଜ୍ଜା କରିବା ପରେ ପୂଜାକାର୍ଯ୍ୟ ଅରମ୍ଭ ହେବା ସହ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ନିର୍ଦ୍ଧାରିତ ସମୟ ଅପରାହ୍ନ ୫ ଟାରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଗଳଗଣ୍ଡି ପୂଜା ପରେ ସନ୍ଧ୍ୟା ୬ଟାରେ ରଥ ଦଧିବାମନ ଜୀଉ ମନ୍ଦିରରେ ପହଞ୍ଚିଥିଲା। ଆନନ୍ଦପୁର ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ଗୋପିନାଥ କୁଅଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାହୁଡ଼ା ଯାତ୍ରା ପରିଚାଳିତ ହୋଇଥିଲା।

# ମହାପ୍ରଭୁଙ୍କ ବାହୁଡ଼ାଯାତ୍ରାରେ ଇମାମୀନଗର ଚଳଚଞ୍ଚଳ


ବାହୁଡ଼ା ଉପଲକ୍ଷେ ପହଣ୍ଡି ବିଜେ।

**ବାଲେଶ୍ୱର ଅଫିସ, ୯।୭**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମୀନଗର ଶ୍ରୀଗୁଣ୍ଡିଚା ମନ୍ଦିର ଛାଡ଼ି ମହାପ୍ରଭୁ ଶନିବାର ଅପରାହ୍ନରେ ମନ୍ଦିରକୁ ବାହୁଡ଼ିଛନ୍ତି। ୯ ଦିନ ପାଇଁ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀଗୁଣ୍ଡିଚା ଯାଇଥିବା ମହାପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହ ପୁଣି ମନ୍ଦିରକୁ ଫେରିଆସିଛନ୍ତି। ଏଥିପାଇଁ ଇମାମୀକ୍ଷେତ୍ରରେ ପ୍ରବଳ ଜନସମାଗମ ହୋଇଥିଲା। ହରିବୋଲ, ହୁଳହୁଳି, ଶଙ୍ଖ, ଘଣ୍ଟା, ମାଦଳର ତାଳରେ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ରଥଦାଣ୍ଡ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମର ତ୍ରିପାଠୀ, ସମ୍ମାନନୀୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ନୀଳଗିରି ଏସ୍‌ଡ଼ିପିଓ ରିତେଶ କୁମାର ମହାପାତ୍ର, ଔପଦା ଆଇଆଇସି କମଳିନୀ ତାଳଦି ଯୋଗ ଦେଇ ମହାପ୍ରଭୁଙ୍କ ପହଣ୍ଡି ବିଜେ ସହ ରଥଟଣାରେ ସାମିଲ ହୋଇଥିଲେ।

ଶନିବାର ବିଭିନ୍ନ ରୀତିନୀତି ସମ୍ପନ୍ନ ହେବା ପରେ ସ୍ଥାନୀୟ ଇମାମୀ ପେପର ମିଲ୍‌ର ସଭାପତି ଆଶିଷ ଅବିନାଶ ଗୁପ୍ତା ଛେରାପହଁରା କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ରଥଟଣା। ରଥ ଉପରୁ ଠାକୁରମାନଙ୍କୁ ପହଣ୍ଡି କରାଯାଇ ମନ୍ଦିରକୁ ନିଆଯାଇଥିଲା। ସନ୍ଧ୍ୟା ସାଢ଼େ ୭ଟାରେ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ କଳି, ରସଗୋଲା ଭୋଗ ଏବଂ ତା’ପରେ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ରୀତିନୀତି ସମ୍ପନ୍ନ ହୋଇଥିଲା। ବୃନ୍ଦାବନରୁ ଆସିଥିବା ରାସଲୀଳା ସଂସ୍ଥାନର କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ, ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପ୍ରଦାନ, ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ସହ ମନ୍ଦିର ପ୍ରଶାସନ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା, କ୍ଲୋଜ୍ ସର୍କିଟ୍ କ୍ୟାମେରା, ଜଳସିଞ୍ଚନ ସୂଚାରୁ ରୂପେ ପରିଚାଳନା କରାଯାଇଥିଲା। ଏହି ଅବସରରେ ଚଳଚ୍ଚିତ୍ର ଓ ଯାତ୍ରା ଜଗତର ଅଭିନେତ୍ରୀଅଭିନେତା ସ୍ୱରାଜ ବାରିକ, ଶିବାନୀ ସିଂ, ସଞ୍ଜୟ ଭୋଳ, କମଳ ନନ୍ଦ, ବାପି ପଣ୍ଡା, ଭାରତୀ ପଣ୍ଡା, ଆଶିଷ ପଣ୍ଡା ପ୍ରମୁଖ ଯୋଗଦେଇ ରଥଟଣାରେ ସାମିଲ ହୋଇଥିଲେ। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍‌ର ପୃଷ୍ଠପୋଷକ ରାଧାଶ୍ୟାମ ଅଗ୍ରୱାଲ୍ ଏବଂ ରାଧାଶ୍ୟାମ ଗୋଏଙ୍କାଙ୍କ ପ୍ରତିନିଧି ଭାବେ ସୁଶୀଲ ଗୋଏଙ୍କାଙ୍କ ତତ୍ତ୍ୱାବଧାନରେ ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସସାମନ୍ତରାୟ, କାରଖାନା ଉପସଭାପତି ରାଜେଶ କୁମାର ମିତ୍ତଲ, ମୁଖ୍ୟ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କ, ଡିଜିଏମ୍ ଦେବବ୍ରତ ହୋତା, ରମେଶ ଚନ୍ଦ୍ର ଖୁଣ୍ଟିଆ, ଏଜିଏମ୍ ଓମ୍‌ପ୍ରକାଶ ଶର୍ମା, ଅନୀଲ କୁମାର ସିଂଙ୍କ ସମେତ ସତ୍ୟସାଇ ସେବା ସଙ୍ଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ପରିଚାଳିତ ହୋଇଥିଲା। ସେହିପରି ୧୦ତାରିଖ ସକାଳେ ଶ୍ରୀଜୀଉମାନେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ମନୋଜ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ବାହୁଡ଼ାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

# ଗୁଣ୍ଡିଚା ମନ୍ଦିରରୁ ଫେରିଲେ ତିନି ଠାକୁର


ଭଦ୍ରକ ସହର ସାଳନ୍ଦୀ ବାଇପାସ୍‌ଠାରେ ଅନୁଷ୍ଠିତ ବାହୁଡ଼ା ଯାତ୍ରା।

**ଭଦ୍ରକ ଅଫିସ, ୯।୭**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଭଦ୍ରକ ସହରର ସାଳନ୍ଦୀ ବାଇପାସ୍ଥିତ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ତିନି ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ମୁଖ୍ୟ ପୂଜକ ସୁରେନ୍ଦ୍ର ପାଣି ରଥରେ ପୂଜାର୍ଚ୍ଚନା କରିବା ପରେ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ ଛେରା ପହଁରା କରିଥିଲେ। ଅପରାହ୍ନ ୫ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। କମିଟି ସଭାପତି ବସନ୍ତ ପାଣିଗ୍ରାହୀ, ଏସ୍‌ଡିଓ ରାଇମୋହନ ବେସ୍ରା, ଦୁର୍ଗାପ୍ରସନ୍ନ ତ୍ରିପାଠୀ, କମିଟି ସଦସ୍ୟ ଅତିଶ ବେହେରା, ଅଶୋକ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଟାଉନ ପୋଲିସ ମୁତୟନ ହୋଇଥିଲା। ସେହିପରି ସଦର ବ୍ଲକ କେଶପୁରସ୍ଥିତ ହରିବୋଲ କ୍ଷେତ୍ରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତର ମୋଡ଼ସାହିସ୍ଥିତ ମାଉସୀମା’ ମନ୍ଦିରରୁ ତିନି ରଥକୁ ଭକ୍ତମାନେ ଟାଣି କେଶପୁର ହରିବୋଲ କ୍ଷେତ୍ରକୁ ଆଣିଥିଲେ। ଭଦ୍ରକ ସହରର କୁଆଁସ, ସନ୍ଥିଆ, ନୂଆବଜାର, ଗରଦପୁର, ବନ୍ତ ବ୍ଲକର ଆଗରପଡ଼ା, ନିମପଡ଼ା, କୁଆଁର୍ଦ୍ଦା ଆଦି ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ୩ ଟନ୍‌ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ

## ଏସ୍‌ଟିଏଫ୍‌ର ଚଢ଼ାଉ




ପଦ୍ମପୁର, ୯।୭ (ଡି.ଏନ.ଏ.)
ଭଦ୍ରକ ସଦର ବ୍ଲକର ବ୍ରହ୍ମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାମ୍ନାରୁ ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କଫୋର୍ସ) ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଶନିବାର ଭୋର ସମୟରେ ଜବତ କରିଛି। ତିହିଡ଼ି ଥାନା ଅଞ୍ଚଳରୁ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଆସୁଥିବା ଖବରପାଇ ଏସ୍‌ଟିଏଫ୍ ଇଚ୍ଛାପୁର ଛକ ନିକଟରେ ଜଗି ରହିଥିଲା। ଗାଡ଼ିଟି ଦ୍ରୁତଗତିରେ ଭଦ୍ରକ-ଇଚ୍ଛାପୁର ରାସ୍ତାରେ ଆସୁଥିବା ଦେଖି ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଚଢ଼ାଉ କରି ଅଟକାଇଥିଲା। ଏସ୍‌ଟିଏଫ୍‌କୁ ଦେଖି ଚାଳକ ଗାଡ଼ି ଛାଡ଼ି ସ୍ଥାନୀୟ ବିଲ ଭିତରକୁ ଦୌଡ଼ି ପଳାଇଥିଲେ। ଗାଡ଼ିରେ ୩ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଥିଲା। ଗାଡ଼ି ମାଲିକଙ୍କ ନାଁରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ସୂଚନା ମିଳିଛି।

# ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳିତ

**ବାଲେଶ୍ୱର ଅଫିସ, ୯।୭**

ବାଲେଶ୍ୱର ଜିଲା ରସାଳପୁରଠାରେ ଶନିବାର ଏବିଭିପିର ୭୪ତମ ପ୍ରତିଷ୍ଠା ଦିବସ ଅବସରରେ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ତଥା ବାଲେଶ୍ୱର ବିଭାଗ ସଂଯୋଜକ ରଜତ କୁମାର ପାତ୍ର, ରସାଳପୁର ନଗର ସମ୍ପାଦକ ଗଣେଶ ପାତ୍ର, ନଗର ସହସମ୍ପାଦକ ଦିବ୍ୟ କୁମାର ଜୀ ଓ ଦୀପକ କୁମାର ଦାସ, ଉତ୍ତମ ବେରା, ପ୍ରୀତମ କୁମାର ଜି, ପ୍ରୀୟଂଶୁ ବିନ୍ଧାଣି, ସତ୍ୟଜିତ ମହଲ, ପଲ୍ଲବ କେଶରୀ ସ, ସାଇସୁରଜ ମଣ୍ଡଳ, ଶୁଭମ୍ ମହାଲିକ, କାଶୀକାଞ୍ଚନ ମହଲ, ନନ୍ଦ ମାଝି ଓ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳନ ଅବସରରେ ଉପସ୍ଥିତ ଏବିଭିପି କର୍ମକର୍ତ୍ତା।

# ବିଭିନ୍ନ ବିଦ୍ୟାଳୟର ମାଟ୍ରିକ ମେଧାବୀଙ୍କୁ ସମ୍ବର୍ଦ୍ଧନା

**ଖଇରା, ୯।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ୯୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ନମ୍ବର ରଖିଥିବା ଏ-୧ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସମ୍ପୃକ୍ତ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ଗଗନଧୂଳି ପଞ୍ଚାୟତର ନୀଳାମ୍ବର ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ୧୭ଜଣ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ସରପଞ୍ଚ ମଦନମୋହନ ସାନ୍ତରା ଓ ବିଧାୟକ ପ୍ରତିନିଧି କରୁଣାକର ଜେନା ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଧାନ ଶିକ୍ଷକ ଯଦୁନାଥ ଶିଅଳ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଦ୍ୟାଳୟର ଏସ୍‌ଏମ୍‌ସି କମିଟି ସଭାପତି ମନୋରଞ୍ଜନ ଧର, ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ବେହେରା ଉପସ୍ଥିତ ଥିଲେ। ସେହିଭଳି ଖଇରା ବ୍ଲକରେ ସର୍ବାଧିକ ୫୮୯ନମ୍ବର ରଖିଥିବା ଅନ୍ତରା-ମହତୀପୁର ବାଇଧର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ବର୍ଷା ମହାପାତ୍ରଙ୍କୁ ଏସ୍‌ଆର ଗ୍ରୁପ ଅଧ୍ୟକ୍ଷ ଇଂ ରାଜେଶ ମହାକୁଡ ଓ ଯୁବ ଖବରଦାତା ଅବିନାଶ ପ୍ରଧାନ ସମ୍ବର୍ଦ୍ଧିତ କରିଛନ୍ତି । ବାପା ନଟବର ମହାପାତ୍ର ଓ ମା’ ବିମଳିନୀ ସାହୁ ମଧ୍ୟ ଉପସ୍ଥିତ ଥିଲେ। ଏହାଛଡା ଶ୍ୟାମସୁନ୍ଦରପୁର ପଞ୍ଚାୟତର ଗଣ୍ଡିବେଡ ହାଇସ୍କୁଲରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ୧୧ ଓ ଶ୍ରୀରାମପୁର ଅନନ୍ତ ପ୍ରସାଦ ହାଇସ୍କୁଲର ୭ଜଣଙ୍କୁ ୫ନଂ. ଜିଲା ପରିଷଦ ଜୋନ ସଦସ୍ୟ ମାନସ କୁମାର ଦାଶ, ସରପଞ୍ଚ ପ୍ରତିନିଧି ବିଶ୍ୱଭୂଷଣ ପ୍ରଧାନ, ସମିତିସଭ୍ୟା ପ୍ରତିନିଧି ରବୀନ୍ଦ୍ର ମହାନ୍ତି ଫୁଲତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗଣ୍ଡିବେଡ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଶାକର ଜେନା ଓ ଶ୍ରୀରାମପୁର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଦାସଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଗଣସମ୍ବର୍ଦ୍ଧନା ସ୍ଥଳରେ ଉପସ୍ଥିତ ଥିଲେ। ନହଙ୍ଗ ହାଇସ୍କୁଲ ଇତିହାସରେ ୫୬୬ ନମ୍ବର ରଖି ପ୍ରଥମ କରି ଏ-୧ ହାସଲ କରିଥିବା ଶୁଭଶ୍ରୀ ମହଲାଙ୍କୁ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ମହଲା, ପ୍ରଧାନଶିକ୍ଷୟିତ୍ରୀ ରାଜଶ୍ରୀ ରାଉତ ପ୍ରମୁଖ ସମ୍ବର୍ଦ୍ଧିତ କରିଛନ୍ତି। ମା’ ସସ୍ମିତା ସାହୁ ଓ ବାପା ରଞ୍ଜନ କୁମାର ମହଲା ଉପସ୍ଥିତ ଥିଲେ ।


ଗଣ୍ଡିବେଡ ହାଇସ୍କୁଲରେ ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ଟ୍ରକ୍‌କୁ ପିଟିଲା ବସ୍

**ଭଣ୍ଡାରିପୋଖରୀ,ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୧୬ ନଂ. ଜାତୀୟ ରାଜପଥର ଛତାବରଠାରେ ଶନିବାର ପୂର୍ବାହ୍ନରେ ଏକ ମାଲବାହୀ ଟ୍ରକ୍ ରାସ୍ତାପାର୍ଶ୍ୱରେ ପାର୍କିଂ କରୁଥିବା ବେଳେ ଏକ ଘରୋଇ ବସ୍ ପଛପଟୁ ଧକ୍କା ଦେଇଥିଲା। ବସ୍‌ଟି ବାରିପଦାରୁ ଭୁବନେଶ୍ୱର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ କୌଣସି ଯାତ୍ରୀ ଆହତ ହୋଇ ନ ଥିବା ସୂଚନା ମିଳିଛି। ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଛି।

## ସଂକ୍ଷେପରେ

### କେନାଲକୁ ଓଲଟିଲା ଡିଜେ ଗାଡ଼ି



ବନ୍ତ,୯।୭ (ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବନ୍ତ-ବାରିକପୁର ରାସ୍ତାର କୁମ୍ଭାରସାହି ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଡିଜେ ଗାଡ଼ି ଭାରସାମ୍ୟ ହରାଇ କେନାଲକୁ ଓଲଟି ପଡ଼ିଥିଲା। ଉକ୍ତ ଗାଡ଼ିଟି ବସନ୍ତିଆ ଅଞ୍ଚଳର। ସୂଚନା ଅନୁଯାୟୀ, ଗାଡ଼ିଟି ଏକ ବିବାହ ଶୋଭାଯାତ୍ରାରେ ଷଠିପୁର ଯାଇ ଫେରୁଥିବା ବେଳେ କୁମ୍ଭାରସାହି ଛକଠାରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହେବା ଯୋଗୁ ତାର ଛିଡ଼ିଯାଇଛି। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଏକ କ୍ରେନ୍ ଦ୍ୱାରା ଗାଡ଼ିଟିକୁ କେନାଲ ଭିତରୁ ଉଠାଯାଇଥିଲା।

### ଚିତ୍ରଡ଼ା ସମବାୟ ସମିତି ନିର୍ବାଚନ

ମୋରଡା,୯।୭ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଚିତ୍ରଡ଼ା ସମବାୟ ସମିତିରେ ସଭାପତି ଓ ଉପସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ମାଥୁରା ସୋରେନ ଓ ଉପସଭାପତି ଭାବେ ଯାଉନା ହାଁସଦା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଲାମ୍ପ୍ସର ନିର୍ଦ୍ଦେଶକ ବୀର ପ୍ରତାପ ଶମ୍ଭୁ ନାରାୟଣ ରାଠୋର ଏନେଇ ସୂଚନା ଦେଇଛନ୍ତି। ଲାମ୍ପ୍ସର କାର୍ଯ୍ୟକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ସହ ଚାଷୀମାନେ କିପରି ଅଧିକ ଉପକୃତ ହେବେ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ନବନିର୍ବାଚିତ ସଭାପତି ସୋରେନ କହିଛନ୍ତି।

### ସମବାୟ ନିର୍ବାଚନରେ ଭାଜପାର ବାଜିମାତ୍

ଖୁଣ୍ଟା,୯।୭(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନରେ ଥିବା ୩ ଲାମ୍ପସ୍ ମଧ୍ୟରୁ ୨ଟି ଲାମ୍ପସ ସଭାପତି ପଦବୀ ନିମନ୍ତେ ନିର୍ବାଚନ ଶେଷ ହୋଇଛି। ଏହି ନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଶାସକ ବିଜେଡ଼ି ଦଳକୁ ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିଛି। ବାହାନଡ଼ା ଲାମ୍ପସର ସଭାପତି ପଦ ପାଇଁ ଶୁକ୍ରବାର ନିର୍ବାଚନ ହୋଇଥିବା ବେଳେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ତଥା ଖୁଣ୍ଟା ବ୍ଲକ ବିଜେଡି ସଭାପତି ସିଦ୍ଧନାଥ ସୋରେନଙ୍କୁ ପରାସ୍ତ କରି ଭାଜପା ସମର୍ଥିତ ସମରାୟ ଟୁଡୁ ବିଜୟୀ ହୋଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ଦଳ ସଫଳତା ହାସଲ କରିଥିଲେ ମଧ ବାସିପିଠା ଏବଂ ବାହାନଡା ସମବାୟ ନିର୍ବଚନରେ ଶାସକ ବିଜେଡ଼ି ଦଳର ସମର୍ଥିତ ପ୍ରାର୍ଥୀ ପରାଜିତ ହୋଇଛନ୍ତି। ବାହାନଡ଼ା ଲାମ୍ପସରେ ମୋଟ ୧୫ଜଣ ଡାଇରେକ୍ଟର ମତଦାନ କରିଥିଲେ। ସମରାୟଙ୍କୁ ୧୦ଟି ଭୋଟ ମିଳିଥିବା ବେଳେ ସିଦ୍ଧନାଥଙ୍କୁ ୫ଟି ଭୋଟ ମିଳିଥିଲା। ନବ ନିର୍ବାଚିତ ସଭାପତି ସମରାୟଙ୍କୁ ଭାଜପା ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ପାଟଣାରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ଦାବି

ପାଟଣା,୯।୭(ସ୍ୱ.ପ୍ର.): ଓଡିଶା ସରକାରଙ୍କ ଆଇନ ବିଭାଗ ତରଫରୁ ରାଜ୍ୟରେ ୩୮ଟି ନୂତନ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ନେଇ ସରକାର କୌଣସି ବ୍ୟବସ୍ଥା କରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଯେ, ଦୀର୍ଘ ଦିନରୁ ପାଟଣାରେ ଜେଏମ୍‌ଏଫ୍‌ସି କୋର୍ଟ, ସବ ଟ୍ରେଜେରୀ, ସବ ରେଜେଷ୍ଟ୍ରି ସ୍ଥାପନ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ହେଁ କୋର୍ଟ ସ୍ଥାପନା ପାଇଁ ବିଜ୍ଞପ୍ତି ହୋଇ ନାହିଁ। ରାଜ୍ୟ ସରକାର ପାଟଣାରେ ଜେଏମ୍‌ଏଫସି କୋର୍ଟ ସ୍ଥାପନ ନ କରିବା ଦୁର୍ଭାଗ୍ୟ ଜନକ ତଥା ପାଟଣା ବାସୀଙ୍କୁ ଅଣଦେଖା ବୋଲି ପୂର୍ବତନ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ କହିଛନ୍ତି। ଅନୁରୁପ ଭାବେ ସରକାର ତୁରନ୍ତ ପାଟଣାରେ କୋର୍ଟ ପ୍ରତିଷ୍ଠା କରନ୍ତୁ ବୋଲି ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, କଂଗ୍ରେସ ନେତା ଇଂ ବିନୋଦ ବିହାରୀ ନାୟକ, ଭାଜପା ନେତା ଗୌତମ ନାୟକ , ଭାଜପା ମହିଳା ନେତ୍ରୀ ଦାସମତି ଚାତାର , ଡୁମୁରିଆ ସରପଞ୍ଚ ଗୌରହରୀ ନାଏକ ପ୍ରମୁଖ କ୍ଷୋଭ ପ୍ରକାଶ କରିବା ସହ ଏଠାରେ ଏକ କୋର୍ଟ ସ୍ଥାପନ କରିବାକୁ ଦୃଢ଼ ଦାବି କରିଛନ୍ତି।

# ପଟ୍ଟା ମିଳିଛି, ଜାଗା ଚିହ୍ନଟ ହେଉନି

■ସୁବିଧା ପାଇବାରୁ ବଞ୍ଚିତ

■ଥଇଥାନ ଅପେକ୍ଷାରେ ଭୂମିହୀନ

ସନାତନ ରାଉତ
ଭଦ୍ରକ ଅଫିସ,୯।୭

ଭଦ୍ରକ ଜିଲାରେ ବସୁନ୍ଧରା ଯୋଜନାରେ ଗରିବ ଭୂମିହୀନମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଭୂମି ଅଧିକାର ପତ୍ର ବା ଜମି ପଟ୍ଟା ଯୋଗାଇ ଦିଆଯାଇଛି। ହେଲେ ଜାଗା ଚିହ୍ନଟ ଦେଉନି ରାଜସ୍ୱ ବିଭାଗ। ପାଇଥିବା ପଟ୍ଟାକୁ ଧରି ଲୋକେ ରାଜସ୍ୱ ନିରୀକ୍ଷକ, ତହସିଲ ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଏପରିକି ଏନେଇ ସେମାନେ ବହୁ ସମୟରେ ଧାରଣା ଦେବା ସହ ଆନ୍ଦୋଳନ କରିଛନ୍ତି। କେତେକ ସଂଗଠନ ମଧ୍ୟ ସେମାନଙ୍କ ପାଇଁ ଆଗକୁ ବାହାରି ବିଭିନ୍ନ ସମୟରେ ଆନ୍ଦୋଳନକୁ ଜୋର୍‌ଦାର କରିଛନ୍ତି। ତଥାପି କିଛି ସୁଫଳ ମିଳିପାରିନାହିଁ। ପ୍ରଶାସନିକ ଅବହେଳା ଯୋଗୁ ନିଜସ୍ୱ ଘରବାଡ଼ି ପଟ୍ଟା ନ ଥିବାରୁ ଭୂମିହୀନମାନେ ସରକାରୀ ସୁବିଧା ତଥା ବାସସ୍ଥାନ, ଜାତିଗତ ଓ ଆୟ ପ୍ରମାଣପତ୍ର ପାଇପାରୁ ନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଓ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଶୌଚାଳୟ ପାଇଥିଲେ ବି ନିର୍ମାଣ କରିପାରୁ ନାହାନ୍ତି। ସେମାନଙ୍କ ପିଲାମାନେ ସ୍କୁଲରେ ଷ୍ଟାଇପେଣ୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରେ ଚିକିତ୍ସା ସୁବିଧା ପାଇଁ ଏହି ଲୋକେ ଆବେଦନ କରିପାରୁନାହାନ୍ତି।

ଏକ ବେସରକାରୀ ସଂଗଠନର ସର୍ଭେ ଅନୁସାରେ ଜିଲାରେ ୭ ତହସିଲ ଅଧୀନରେ ୨୧୮ ପଞ୍ଚାୟତ ରହିଛି। ଏଥିରେ ମୋଟ ୧୩୭୦ ରାଜସ୍ୱ ଗ୍ରାମରେ ୪,୩୯୫ ଭୂମିହୀନ ପରିବାର ବିଭିନ୍ନ ସରକାରୀ ଅନାବାଦୀ, ଗୋଚର, ନଦୀବନ୍ଧ ଉପରେ ଦୟନୀୟ ଅବସ୍ଥାରେ ବସବାସ କରୁଛନ୍ତି। ଭଦ୍ରକ ତହସିଲରେ ସର୍ବାଧିକ ୨୨ଟି ବସ୍ତିରେ ୧୬୮୦ ଭୂମିହୀନ ପରିବାର ରହୁଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ଘରଡିହ ପାଇଁ ୪ ହଜାରରୁ ଊର୍ଦ୍ଧ୍ୱ ଆବେଦନପତ୍ର ଜିଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ପଡ଼ି ରହିଛି। ବସୁନ୍ଧରା ଯୋଜନା ନେଇ ରାଜ୍ୟ ସରକାରଙ୍କଠାରୁ ୨୦୧୧ରେ ଚିଠି ପାଇବା ପରେ ତହସିଲଦାରମାନେ କେତେକ ବେସରକାରୀ ସଂଗଠନ ଓ ରାଜସ୍ୱ ନିରୀକ୍ଷକଙ୍କୁ ଡାକି ଆଲୋଚନା କରିଥିଲେ। ସରକାରୀ ୱେବ୍‌ସାଇଟରୁ ମିଳିଥିବା ତଥ୍ୟ ଅନୁସାରେ ଏହି ଜିଲାରେ ୨୦୦୧ରୁ ୨୦୨୨ ମଧ୍ୟରେ ୫୬୮ ଭୂମିହୀନ ପରିବାରକୁ ପଟ୍ଟା ଯୋଗାଇ ଦିଆଯାଇଛି। ୨୦୧୮ରୁ ୨୦୨୦ ସର୍ଭେରେ ଜିଲାର ୭ ତହସିଲରେ ୧୭୧୦ ଭୂମିହୀନ ଥିବା ସରକାରୀ ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ପରେ ସେମାନଙ୍କ ମଧ୍ୟରୁ ୧୦୫୭ଜଣଙ୍କୁ ଅଯୋଗ୍ୟ ଦର୍ଶାଇ କାଟି ଦିଆଯାଇଥିଲା। ଚାଷୀ ମୂଲିଆ ସଂଘ ପକ୍ଷରୁ ଏହାର ତଦନ୍ତ ପାଇଁ ଦାବି କରାଯାଇଥିଲା। କିନ୍ତୁ କାର୍ଯ୍ୟବ୍ୟସ୍ତତା ଆଳରେ ତହସିଲଦାରମାନେ ଏହାକୁ ଆଡ଼େଇ ଦେଇଥିଲେ। ବସୁନ୍ଧରା ଯୋଜନାରେ ୪ ଡିସିମିଲ ଜାଗାର ପଟ୍ଟା ପାଇ ଭୂମିହୀନମାନେ ବର୍ଷ ବର୍ଷ ଧରି ଅପେକ୍ଷାରେ ରହିଛନ୍ତି। ଯେଉଁ ମୌଜାରେ ସେମାନଙ୍କୁ ଜାଗା ଦିଆଯାଇଛି ସେଠାରେ ଅନ୍ୟ କେହି ଦଖଲ କରିସାରିଛନ୍ତି କିମ୍ବା ସେ ଜାଗାକୁ ଗଲେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ରହିପାରୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଚାଷୀ ମୂଲିଆ ସଂଘର ସୂଚନା ଅନୁଯାୟୀ ପଟ୍ଟା ପାଇଥିବା ମୋଟ ଲୋକଙ୍କ ମଧ୍ୟରୁ ମାତ୍ର ୧୩୫ ପରିବାରକୁ ଜାଗା ଚିହ୍ନଟ କରାଯାଇ ଥଇଥାନ କରାଯାଇଛି।



ପଟ୍ଟା ପାଇଥିବା ବନ୍ତ ବ୍ଲକ ଓଲଡାଙ୍ଗ ଆଦିବାସୀ ବସ୍ତିର ଲୋକେ।

ଅଖିଳ ଭାରତ କ୍ଷେତ ମୂଲିଆ ସଂଗଠନ ସମ୍ପାଦକ ପ୍ରତାପ କୁମାର ସେଠୀ କହିଛନ୍ତି, ଭୂମିହୀନଙ୍କର ଏହି ସମସ୍ୟା ନେଇ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଉଛି। ଜିଲା ପ୍ରଶାସନ ଓ କର୍ମଚାରୀମାନଙ୍କ ଖିଆଲି ନୀତି ଯୋଗୁ ଭୂମିହୀନ ମିଶନ ସଫଳ ହୋଇପାରୁ ନାହିଁ। ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ କହନ୍ତି, ଦୀର୍ଘଦିନ ଧରି ଏହା ଉପରେ ସଂଘର୍ଷ କରିବା ପରେ କିଛି ପରିମାଣରେ ସଫଳତା ମିଳିଛି। ଡଗମୁଣ୍ଡ କଲୋନୀରେ ୧୪ ପରିବାରକୁ ୪ ଡିସିମିଲ ଲେଖାଏ ଜାଗା ଦିଆଯାଇଛି। ସେଠାରେ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ଏ ସମ୍ପର୍କରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ପଚାରିବାରୁ କିଛିଦିନ ହେଲା ସେ ଜିଲାପାଳ ଭାବେ ଏଠାରେ ଯୋଗ ଦେଇଛନ୍ତି, ଏହି ସମସ୍ୟା ନେଇ ଅଭିଯୋଗ ଆସିଛି ଏବଂ ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## ସହରରେ ମଦ ଦୋକାନ ଖୋଲିବା ନୋଟିସକୁ ବିରୋଧ

ବାଲେଶ୍ୱର ଅଫିସ, ୯।୭

ବାଲେଶ୍ୱର ମ୍ୟୁନିସିପାଲିଟିରେ ଥିବା ୩୧ଟି ୱାର୍ଡ଼ରେ ଅବକାରୀ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୧୦୪/ତା ୬।୭।୨୦୨୨ ରିଖରେ ନୂତନ ମଦ ଦୋକାନ ଖୋଲିବା ପାଇଁ ନୋଟିସ୍ ବାହାରିବା ପରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଏହାକୁ ପ୍ରତ୍ୟାହାର ନ କଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସହରରେ ପିଇବା ପାଣି ସମସ୍ୟା ଦେଖାଦେଇଥିବା ବେଳେ ଘରକୁ ଘର ଏବଂ ୱାର୍ଡ଼କୁ ୱାର୍ଡ଼ ପାନୀୟ ଜଳର ସୁବିଧା ନ କରାଇ ପ୍ରତ୍ୟେକ ୱାର୍ଡ଼ରେ ମଦ ଦୋକାନ ଖୋଲିବାରେ ରାଜ୍ୟ ସରକାର ବ୍ୟସ୍ତ। ସହରରେ ଶାନ୍ତି, ଶୃଙ୍ଖଳା ବଜାୟ ରଖିବା ଲାଗି ମଦ ଦୋକାନ ବନ୍ଦ ହେବା ଆବଶ୍ୟକ। ସହରରେ ଦିନକୁ ଦିନ ଛିନ୍‌ତାଇ, ରାହଜାନି କାର୍ଯ୍ୟକଳାପ ବୃଦ୍ଧି ପାଇଛି, ପୁଣି ପ୍ରତ୍ୟେକ ୱାର୍ଡ଼ରେ ମଦ ଦୋକାନ ଖୋଲିବା ବାଲେଶ୍ୱର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଦତ୍ତ ଶନିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ବନ ମହୋତ୍ସବ ଉପଲକ୍ଷେ ସଚେତନତା ରାଲି

ନୀଳଗିରି, ୯।୭(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ରତ୍ନାକର ଟାଉନ ହାଇସ୍କୁଲ ପିଲାମାନଙ୍କ ଦ୍ୱାରା ବନ ମହୋତ୍ସବ ଉପଲକ୍ଷେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ଉକ୍ତ ରାଲିକୁ ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ବିଦ୍ୟାଳୟ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କ ସଭାପତିତ୍ୱରେ ଏକ ବୈଠକ ଆହ୍ୱାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଉପଜିଲାପାଳ ସେଠୀ, ମୁଖ୍ୟବକ୍ତା ଭାବେ ନାବାର୍ଡ଼ ଏଜିଏମ୍ ତାପସ କୁମାର ପ୍ରଧାନ, ସମ୍ମାନିତ ବକ୍ତା ଭାବେ ସ୍ୱେଚ୍ଛାସେବୀ ରାଜେନ୍ଦ୍ର କୁମାର ଜେନା, ଅନ୍ୟତମ ବକ୍ତା ଭାବେ ନୀଳଗିରି ବନଖଣ୍ଡ ଅଧିକାରୀ ସରୋଜ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଉ.ପ୍ରା. ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ମହାନ୍ତି ଯୋଗଦେଇ ବୃକ୍ଷର ମହାତ୍ମ୍ୟ, ପରିବେଶ ଓ ଜଳବାୟୁ କିପରି ବୃକ୍ଷ ଦ୍ୱାରା ନିୟନ୍ତ୍ରିତ ହେଉଛି ସେନେଇ ବକ୍ତବ୍ୟ ଦେଇଥିଲେ। ଅତିଥିମାନଙ୍କ ସମେତ ବିଦ୍ୟାଳୟର ୨୩୩ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ପରିସରରେ ଲେମନ ଗ୍ରାସ୍, ଅଶ୍ୱଗନ୍ଧା, ଲିଚୁ, ପିଜୁଳି, ଅଁଳା ଆଦି ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟସ୍ତରରେ ପ୍ରବନ୍ଧ, ତର୍କ ଓ ଡ୍ରଇଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଉପଜିଲାପାଳ ସେଠୀ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିଗଣ।

## ବିଜେଡି ହାତରେ ବିସିପୁର ଲାମ୍ପସ

ଖୁଣ୍ଟା,୯।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକର ବିସିପୁର ଲାମ୍ପ୍ସରେ ସଭାପତି ଭାବେ ବିଜେଡି ସମର୍ଥିତ ପ୍ରାର୍ଥୀ ସଂଯୁକ୍ତା ରାଉତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆସନ୍ତା ୧୩ ତାରିଖରେ ନିର୍ବାଚନ ହେବାର ଥିଲା। ଶନିବାର ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସଭାପତି ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲର ସମୟସୀମା ଥିଲା। ସଂଯୁକ୍ତା ଏକମାତ୍ର ପ୍ରାର୍ଥୀ ରୂପେ ନାମାଙ୍କନ ଭରିଥିଲେ। ଫଳରେ ତାଙ୍କୁ ଏହି ଲାମ୍ପ୍ସର ସଭାପତି ଘୋଷଣା କରାଯାଇଥିଲା।

## ପରିବେଶ ସୁରକ୍ଷା ଚିନ୍ତା

### ଅଣ୍ଟା ଭିଡ଼ିଲା ଯୁବ ଛାତ୍ର ବିଜେଡି



ଯୁବ ଛାତ୍ର ସଂଗଠନ ପକ୍ଷରୁ ଚାରାରୋପଣ।

ବାରିପଦା ଅଫିସ,୯।୭

ପରିବେଶ ସୁରକ୍ଷା ଓ ପ୍ରଦୂଷଣମୁକ୍ତ ଏବଂ ସୁସ୍ଥ ଓଡ଼ିଶା ଗଠନ ପାଇଁ ଶନିବାର ଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁଳିଆପଦା ବ୍ଲକ ଅନ୍ତର୍ଗତ ଚକୁଳିଆପଦା କଲେଜରେ ଶହେଟି ବୃକ୍ଷ ରୋପଣ କରାଯିବା ସହ ତାର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମ ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କରାଯାଉଥିବା ବେଳେ ଯୁବପିଢ଼ି ପରିବେଶ ପ୍ରତି ଭଲପାଇବା ଓ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କର ଏହା ଏକ ପ୍ରୟାସ । ଏଥିରେ ଯୁବ ଏବଂ ଛାତ୍ର ସଂଗଠନକୁ ମୁଖ୍ୟ ଦାୟିତ୍ୱ ଦିଆଯାଇଥିବା ବେଳେ ଆଗକୁ ମଧ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ମୟୂରଭଞ୍ଜ ଯୁବ ସଭାପତି ଅରୁଣ ବରାଡ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଶୁଳିଆପଦା ବ୍ଲକ ଯୁବ ସଭାପତି ସତ୍ୟବାନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଏସ୍‌ଡିସି ଚେୟାରମ୍ୟାନ ଡ.ଦେବାଶିଷ ମାରାଣ୍ଡି, ପୂର୍ବତନ ପୌରାଧକ୍ଷ ପ୍ରୀତିନନ୍ଦା କାନୁନଗୋ, ବ୍ଲକ ସଭାପତି ଦିବ୍ୟଲୋଚନ ଦାସ, ବ୍ଲକ ଅଧକ୍ଷା ପାନମଣି ମାରାଣ୍ଡି, ଉପାଧକ୍ଷ ଜ୍ୟୋତିଲାଲ ବାରିକ, ବାରିପଦା ଟାଉନ ସଭାପତି ସରୋଜ ଶତପଥୀ ଓ ଅନ୍ୟାନ୍ୟ ଯୁବଛାତ୍ର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଛନ୍ତି ।

## ପ୍ରୀତିନନ୍ଦାଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବାକୁ ପରାମର୍ଶ

ଭଦ୍ରକ ଅଫିସ, ୯।୭

ବିଶିଷ୍ଟ ସାମାଜିକ କର୍ମୀ, ନାରୀନେତ୍ରୀ ତଥା ଭଦ୍ରକ ଚରମ୍ପା ରେଲୱେ ମହିଳା ସଂଗଠନର ପୂର୍ବତନ ସଭାନେତ୍ରୀ ସ୍ୱର୍ଗତ ପ୍ରୀତିନନ୍ଦା ନାୟକ (ପାର୍ବତୀ)ଙ୍କ ନୀତି ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେଲେ ଏହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସ୍ମୃତିସଭାରେ ବକ୍ତାମାନେ କହିଥିଲେ। ତାଙ୍କ ଦ୍ୱାଦଶାହ ଅବସରରେ ସଂଗଠନ ସପୋର୍ଟର ସମ୍ପାଦକ ସୀତାକାନ୍ତ ଦାସଙ୍କ ପୌରୋହିତ୍ୟରେ ଚରମ୍ପା ବରାଳପୋଖରୀ ରେଲୱେ କଲୋନୀରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ରୋଟାରିଆନ ଶିଶିର ମିଶ୍ର, ହେମନ୍ତ ମହାନ୍ତି, ପୂର୍ବତନ ସ୍ୱାସ୍ଥ୍ୟ କର୍ମଚାରୀ ମଧୁସୂଦନ ଦାସ, ଶିକ୍ଷାବିତ୍ ଲକ୍ଷ୍ମୀପ୍ରିୟା ଜେନା, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ବସନ୍ତ ଦାସ, ପ୍ରାଧ୍ୟାପିକା ହୀରକଲତା ଦାଶ, କବି ବୀରେନ୍ଦ୍ର ଖୁଣ୍ଟିଆ, ପ୍ରଫେସର ଡ. ନିରଞ୍ଜନ ବାରିକ, ଇଂ. ପ୍ରଶାନ୍ତ ପରିଡ଼ା, ନାରୀକବି ପ୍ରଭାବତୀ ରାୟ, ଲେଖିକା ପ୍ରତିଭା ରାଉତରାୟ, ସନ୍ଧ୍ୟାରାଣୀ ପରିଡ଼ା, ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି ଓ ଆଡ୍‌ଭୋକେଟ ଭରତ ମହାନ୍ତି ଯୋଗଦେଇ ଡା. ପ୍ରେମାନନ୍ଦ ନାୟକଙ୍କ ଧର୍ମପତ୍ନୀ ସ୍ୱର୍ଗତ ନାୟକଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକପାତ କରିଥିଲେ। ଖବରଦାତା ଅଶୋକ କୁମାର ନାୟକ, କିଶୋର କୁମାର ନାୟକ, ସଞ୍ଜୀବ ଖୁଣ୍ଟିଆ, ଯୁବ ଉଦ୍ୟୋଗୀ ରାଜୀବ ଖୁଣ୍ଟିଆ, ଲେଖିକା ଅଳକା ବଳ, ଖବରଦାତା ଅମର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରାଣୀ ପରିଡ଼ା, ଗୁଗୁ ପାଇକରାୟ, ପ୍ରତିଭା ପାଇକରାୟ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ସହର ସମସ୍ୟା ସୁଧାରିବାକୁ ଦାବି



ଜିଲାପାଳଙ୍କୁ 'ଜଉ କଣ୍ଢେଇ' ମୂର୍ତ୍ତି ଉପହାର ଦିଆଯାଉଛି।

### ଜିଲାପାଳଙ୍କୁ 'ଜଉ କଣ୍ଢେଇ' ଉପହାର

ବାଲେଶ୍ୱର ଅଫିସ, ୯।୭

ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ 'ସ୍ମାଇଲ ସୋସାଇଟି'ର ସଦସ୍ୟମାନେ ଜିଲାପାଳ କାର୍ଯ୍ୟାଳୟରେ ଭେଟି ଅନନ୍ୟ କଳାର ପରିଚୟ ଦେଉଥିବା ପାରମ୍ପରିକ ଲାଖ ତିଆରି କଣ୍ଢେଇ 'ଜଉ କଣ୍ଢେଇ'ର ମୂର୍ତ୍ତି ଉପହାର ଦେଇଥିଲେ। କିଛି ସମୟ ଜିଲାପାଳଙ୍କ ସହ ସହରରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ।

ସହର ଭିତରେ ହେଉଥିବା ବେଆଇନ ପାର୍କିଂ ସାଙ୍ଗକୁ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏପରିକି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ମୁଖ୍ୟ ରାସ୍ତା ତଥା ସିନେମା ଛକରୁ ଫକୀରମୋହନ ଗୋଲେଇକୁ ଯାଇଥିବା ରାସ୍ତାର ଉଭୟପାର୍ଶ୍ୱରେ ଗାଡ଼ି ପାର୍କିଂ ଫଳରେ ପ୍ରବଳ ଭିଡ଼ ଜମୁଛି। ଯା'ଆସ କରିବା ପାଇଁ ଲୋକଙ୍କ ସହ ଆମ୍ବୁଲାନ୍ସରେ ଯା'ଆସ କରିବାରେ ସମସ୍ୟା ଦେଖାଯାଉଛି। ଉକ୍ତ ରାସ୍ତାର ଉଭୟପାର୍ଶ୍ୱରେ ଉଠାଦୋକାନୀଙ୍କ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ସହ ସେମାନଙ୍କୁ ସ୍ଥାନାନ୍ତରିତ କରିପାରିଲେ ସମସ୍ୟା ସମାଧାନ ହୋଇପାରିବ ଭଳି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାରେ ସୋସାଇଟି ସଭାପତି ଶୁଭମସାଇ ମହାପାତ୍ର, ଅଭିଜିତ ବିଶ୍ୱାଳ, ବ୍ୟାସଦେବ ରାଣା, ରିମା ଜୋସେଫ, ଅନୀଲ କୁମାର ପ୍ରଧାନ, କୁମାର ଚିନ୍ଟୁ, ସନ୍ଧ୍ୟାରାଣୀ ଜେନା, ମିନତୀ ସେଠୀ, ଇତିକୃଷ୍ଣ ସ୍ୱାଇଁ, ଦୀପାରାଣୀ ସାହୁ, ମୋନାଲିସା ପାଣିଗ୍ରାହୀ ଓ ସୋନାଲି ସାହା ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ କ୍ୱାର୍ଟର୍ସ ତଥ୍ୟ ମାଗିଲେ ଅତିରିକ୍ତ ଜିଲାପାଳ

କେନ୍ଦୁଝର, ୯।୭ (ସ୍ୱ.ପ୍ର.)

କେନ୍ଦୁଝରରେ ବହୁ କର୍ମଚାରୀ କ୍ୱାର୍ଟର୍ସ ଅଭାବରୁ ବାହାରେ ଭଡ଼ାରେ ରହି ହୀନସ୍ତା ହେଉଛନ୍ତି ଏବଂ ଏବାବଦକୁ ସରକାରଙ୍କ ବ୍ୟାପକ ଆର୍ଥିକ କ୍ଷତି ହେଉଛି। ଅନ୍ୟପକ୍ଷରେ ବିଭିନ୍ନ ବିଭାଗ ଅଧୀନରେ କେତେ କ୍ୱାର୍ଟର୍ସ ରହିଛି, ସେଥିରୁ କେତେ ଖାଲି ପଡିଛି ଏବଂ ଅବ୍ୟବହୃତ ବା ବିପଦସଙ୍କୁଳ ଅବସ୍ଥାରେ ରହିଛି ତାହାର ତଥ୍ୟ କାହା ପାଖରେ ନାହିଁ। ବିଳମ୍ବରେ ହେଉ ପଛେ ପ୍ରଶାସନ ପକ୍ଷରୁ ସମସ୍ତ ଜିଲାର ସମସ୍ତ ଅଧିକାରୀଙ୍କୁ ଚିଠି (ନମ୍ବର ୪୨୩/୨୯।୦୫।୨୦୨୨) କରି ସମ୍ପୂର୍ଣ୍ଣ ତଥ୍ୟ ମାଗିଛନ୍ତି । ପ୍ରଶାସନ ନିକଟରେ କ୍ୱାର୍ଟର୍ସ ପାଇଁ ବହୁ କର୍ମଚାରୀ ଆବେଦନ କରି ଦୀର୍ଘ ମାସ ମାସ ଧରି ଅପେକ୍ଷା କରି ରହିଥିବା ବେଳେ ଏବେ ଏହି ଚିଠି କେତେ ଦୂର କାର୍ଯ୍ୟକାରୀ ହେବ ତାହାକୁ ନେଇ ବହୁ ଅବସରପ୍ରାପ୍ତ କର୍ମଚାରୀ ପ୍ରଶ୍ନ କରୁଛନ୍ତି। ବହୁ କ୍ୱାର୍ଟର୍ସ ମରାମତି କରି ବ୍ୟବହାର କରାଯାଉ ନ ଥିବାରୁ ଏହା ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନେକ କ୍ୱାର୍ଟର୍ସ ବର୍ଷ ବର୍ଷ ଧରି ବ୍ୟବହାର ନ ହୋଇ ଅସୁରକ୍ଷିତ ଅବସ୍ଥାରେ ରହିଛି। ଅତିରିକ୍ତ ଜିଲାପାଳଙ୍କ ଏହି ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରି ତଥ୍ୟ ଦେବା ପାଇଁ ଅବସରପ୍ରାପ୍ତ କର୍ମଚାରୀ ଦୁର୍ଗାଚରଣ ମହାନ୍ତି ଦାବି କରିଛନ୍ତି।

## ଶ୍ରମିକ ନିଯୁକ୍ତି ଦାବିରେ ଜଜାଙ୍ଗ ଖଣିରେ ଧାରଣା

ଯୋଡ଼ା, ୯।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅଧୀନ ଜଜାଙ୍ଗ ଖଣିରେ ନିଯୁକ୍ତି ଦାବି କରି ଶ୍ରମିକ ସଂଘ କେନ୍ଦୁଝର ମାଇନ୍ସ ଆଣ୍ଡ ଫିଲ୍ଡ ୱାର୍କର୍ସ ୟୁନିୟନର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଧାରଣାରେ ବସିଛନ୍ତି।

ଶ୍ରମିକ ସଂଘର ସାଧାରଣ ସମ୍ପାଦକ ହରେକୃଷ୍ଣ ବେହେରା ସୂଚନା ଦେଇ କହିଛନ୍ତି, ପୂର୍ବରୁ ଏହି ଖଣି ଲିଜ୍ ପାଇଥିବାବେଳେ ଉକ୍ତ କମ୍ପାନୀରେ ସ୍ଥାନୀୟ ବାସୀନ୍ଦା ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ଖଣି ନିଲାମ ପ୍ରକ୍ରିୟା ପରେ ଅନ୍ୟ ଏକ ଖଣି କମ୍ପାନୀ ହାତେଇବା ପରେ ଉକ୍ତ ଶ୍ରମିକଙ୍କୁ ନିଯୁକ୍ତି ମିଳି ନାହିଁ। କା ଭାଁ କେତେଜଣ ଶ୍ରମିକଙ୍କୁ ନିଯୁକ୍ତି ଦେଇ ଅବଶିଷ୍ଟ ଶ୍ରମିକଙ୍କୁ ଆଜି ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇ ନାହିଁ। ଏ ନେଇ ଗତ ଜୁନ୍ ୨୯ ତାରିଖରେ ସଂଘ ପକ୍ଷରୁ ଲିଖିତ ଭାବେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ଦିଆଯାଇଥିଲା। କମ୍ପାନୀ ପକ୍ଷରୁ ମଧ ନୂତନ ଭାବେ କାର୍ଯ୍ୟ ପାଇଥିବା ଠିକା ସଂସ୍ଥାରେ ପୂର୍ବ ଶ୍ରମିକଙ୍କୁ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ହେଲେ ଦୀର୍ଘ ୧୦ଦିନ ବିତିଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ଏହାର କୌଣସି ସମାଧାନ କରା ନ ଯିବାରୁ ଶନିବାର ପୂର୍ବାହ୍ନରେ ଶ୍ରମିକ ସଂଘର ଶତାଧିକ ମହିଳା ପୁରୁଷ କମ୍ପାନୀ ନିକଟକୁ ଯାଇ ନିଯୁକ୍ତି ସମ୍ବନ୍ଧରେ ପଚାରିଥିଲେ। ତେବେ କମ୍ପାନୀ ପକ୍ଷରୁ ୬ଜଣଙ୍କୁ ପ୍ରଥମେ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଶ୍ରମିକ ସଂଘ ପକ୍ଷରୁ ଜଜାଙ୍ଗ, ଜାମୀର୍ଡା, ଗୁରୁତୁଆଁ, କମଳପୁର, ଲହୁଣୀ ପଶୀ, ବନ୍ଧୁଆବେଡ଼ା, ଗୁରୁବେଡ଼ା ପ୍ରଭୃତି ୬ଟି ଗ୍ରାମର ଲୋକଙ୍କୁ ନିଯୁକ୍ତି ପାଇଁ ପଠାଇବାରୁ କମ୍ପାନୀ ପକ୍ଷରୁ ନିଯୁକ୍ତି ଦିଆଯାଇ ପାରିବ ନାହିଁ ବୋଲି ମନା କରିଦିଆଯାଇଥିବା ସଂଘ ସମ୍ପାଦକ ବେହେରା କହିଛନ୍ତି। ତେବେ ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରକ୍ଷା କରି ପାରି ନ ଥିବା କମ୍ପାନୀ ବିରୋଧରେ ଅସନ୍ତୋଷ ହୋଇ ଖଣିର ୨ନଂ ଗେଟ ସମ୍ମୁଖରେ ମହିଳା ପୁରୁଷ ଧାରଣାରେ ବସିରହିଥିଲେ। ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ଶ୍ରମିକ ମାନେ ବସିରହିବେ ବୋଲି ଶ୍ରମିକ ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟ ପକ୍ଷରେ ଉକ୍ତ ଖଣିରେ ଥିବା ଆଉ ଏକ ଶ୍ରମିକ ସଂଗଠନ କେନ୍ଦୁଝର ମାଇନିଂ ଫରେଷ୍ଟ ଆଣ୍ଡ ୱାର୍କର୍ସ ୟୁନିୟନର ବରିଷ୍ଠ ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି, ଖଣିରେ ପୂର୍ବରୁ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ପର୍ଯ୍ୟାୟ କ୍ରମେ ନିଯୁକ୍ତି ଦିଆଯାଉଛି। ପ୍ରତିଦିନ ଜିଲା ପ୍ରଶାସନ ଏହାର ମନିଟରିଂ କରୁଅଛି। ଘଟଣାସ୍ଥଳରେ ଶାନ୍ତିଶୃଙ୍ଖଳା ସ୍ଥିତି ରଖିବାକୁ ବାମେବାରୀ ପୋଲିସ ଉପସ୍ଥିତ ଅଛନ୍ତି।

## ୨ ସମିତିରେ ସଭାପତି ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

ବନ୍ତ,୯।୭(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ଓ କେନ୍ଦୁଆପଦା ସେବା ସମବାୟ ସମିତିରେ ଆସନ୍ତା ୧୩ ତାରିଖରେ ସଭାପତି ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଶନିବାର ପ୍ରକାଶ ପାଇଛି। ୨ ସମିତିରେ ୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜଣାଯାଇଛି। ପଧାନପଡା ସମିତିରେ ହୃଷିକେଶ ସାହୁ ଓ ସେକ୍ କଦମ୍, କେନ୍ଦୁଆପଦା ସମିତିରେ ଜୟନ୍ତ କୁମାର ସାମଲ ଓ ଗଜେନ୍ଦ୍ର ନାରାୟଣ ଲେଙ୍କାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପଧାନପଡ଼ାରେ ନିର୍ବାଚନ ଅଧିକାରୀ ତପନ କୁମାର ସେଠୀ, ସମ୍ପାଦକ ନାରାୟଣ ଚନ୍ଦ୍ର ସାହୁ ଏବଂ କେନ୍ଦୁଆପଦା ସମିତିରେ ନିର୍ବାଚନ ଅଧିକାରୀ ଉମାକାନ୍ତ ନାୟକ, ସମ୍ପାଦକ କାମିନୀକାନ୍ତ ପଣ୍ଡା ଉପସ୍ଥିତ ଥିଲେ।

